# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 July– 2026**

---

# ସଂସଦ- ନିଟ୍ ପ୍ରସଙ୍ଗ

ସଂସଦର ମୌସୁମୀ ଅଧିବେଶନରେ ନିଟ୍ ଏବଂ ଏସଂପର୍କିତ ଆନୁସଙ୍ଗିକ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜଡ଼ିତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ।

---

# ନୀତି ଆୟୋଗ ଇଣ୍ଡେକ୍ସ

ନୀତି ଆୟୋଗଙ୍କ ଦ୍ୱାରା ପ୍ରଥମଥର ପାଇଁ ନିବେଶ ଅନୁକୂଳ ଇଣ୍ଡେକ୍ସ ୨୦୨୬ ପ୍ରକାଶ ପାଇଛି । ଏଥିରେ ଓଡ଼ିଶାକୁ ମିଶାଇ ୫ଟି ରାଜ୍ୟକୁ ଶ୍ରେଷ୍ଠ ଭାବେ ଉଲ୍ଲେଖ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀ ଏବଂ ସରକାରୀ, ଘରୋଇ କ୍ଷେତ୍ର, ଉଦ୍ୟୋଗୀ, ନିବେଶକ ଓ ବିଭିନ୍ନ କ୍ଷେତ୍ରର ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟର ସ୍ୱଚ୍ଛ ଶାସନ, ନୀତିଗତ ସଂସ୍କାର, ନିବେଶ ଅନୁକୂଳ ପ୍ରଶାସନ ଏବଂ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି ସରକାରଙ୍କ ଦୃଢ଼ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

# ପ୍ରକଳ୍ପ ମଂଜୁରୀ

ରାଜ୍ୟ ସରକାରଙ୍କ ଏକକ ବାତାୟନ ଅନୁମୋଦନ କମିଟି ବୈଠକରେ ୨୩ଟି ପ୍ରକଳ୍ପକୁ ମଂଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ୪ ହଜାର ୫୭୩ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୨୨ ହଜାର ୮୭୩ ଜଣଙ୍କୁ ନିଯୁକ୍ତି ମିଳିବ । ବୈଠକରେ ୧୧ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି ।

# ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାମାସ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତି ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଗଞ୍ଜାମ ଜିଲ୍ଲାର ତପ୍ତପାଣି ପରିଦର୍ଶନରେ ଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସଂପର୍କିତ କାର୍ଯ୍ୟସୂଚୀ ରାଜ୍ୟ ସରକାର ଏବଂ ସଂପୃକ୍ତ ବିଭାଗ ଗୁଡ଼ିକୁ ପଠାଯାଇଛି । ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି ।

# ଉପମୁଖ୍ୟମନ୍ତ୍ରୀ-ଆଲୋଚନା

ଗ୍ରେଟ୍ ବ୍ରିଟେନ୍ ଏବଂ ଓଡ଼ିଶା ମଧ୍ୟରେ ସହଯୋଗକୁ ଅଧିକ ମଜବୁତ କରିବା ଲକ୍ଷ୍ୟ ନେଇ କୋଲକାତାସ୍ଥିତ ବ୍ରିଟିଶ ଉପ-ଉଚ୍ଚାୟୁକ୍ତ ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ’ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି

ଅନୁଷ୍ଠିତ ବୈଠକରେ ବିଭିନ୍ନ କ୍ଷେତ୍ରରେ ସଂପର୍କ ବୃଦ୍ଧି ନେଇ ଉଭୟଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଡକ୍ଟର ଫ୍ଲେମିଂ ସହ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଥିଲେ ।

........................................................................................

## ରଥ-ଦକ୍ଷିଣ ମୋଡ଼

ପୁରୀ ଶରଧାବାଲିରେ ଆଜି ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ଗତକାଲି ଦେବୀ ସୁଭଦ୍ରାଙ୍କ ରଥ ଦର୍ପଦଳନର ଦକ୍ଷିଣ ମୋଡ ହୋଇଛି । ପ୍ରବଳ ବର୍ଷା ଲାଗି ଗତକାଲି ରଥଗୁଡ଼ିକର ଦକ୍ଷିଣମୋଡ ନୀତି ସ୍ଥଗିତ ରଖାଯାଇଥିଲା । ହେରାପଞ୍ଚମୀ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

........................................................................................

## ବାହୁଡ଼ା-ପ୍ରସ୍ତୁତି ବୈଠକ

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଆସନ୍ତା ଶୁକ୍ରବାର ହେବାକୁ ଥିବା ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହୁଡ଼ାଯାତ୍ରାର ନୀତିକାନ୍ତି ଓ ରଥଟଣା ସମୟ ନିର୍ଘଣ୍ଟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା ହୋଇଛି ।

........................................................................................

# କାରାଗାର ବିକାଶ ବୋର୍ଡ ବୈଠକ

ରାଜ୍ୟ କାରାଗାର ବିକାଶ ବୋର୍ଡ ଚତୁର୍ଥ ବୈଠକ ଗତକାଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କାରାଗାର ସଂସ୍କାର, ସୁରକ୍ଷା ବ୍ୟବସ୍ଥା, କଏଦୀଙ୍କ ପାଇଁ କଲ୍ୟାଣମୂଳକ ପଦକ୍ଷେପ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ କାରାଗାରରୁ ମୁକ୍ତି ପରେ କଏଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି । ଖୁବ୍‌ଶୀଘ୍ର ୭ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ମୁକ୍ତାକାଶ କାରଗାର ଖୋଲାଯିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି କୃତ୍ରିମବୁଦ୍ଧିମତ୍ତା ଆଧାରିତ ସିସିଟିଭି କ୍ୟାମେରା ଲଗାଯାଉଛି । ଇତିମଧ୍ୟରେ ୨୦ଟି କାରାଗାରରେ ଏହି କ୍ୟାମେରା ସ୍ଥାପନ ହୋଇସାରିଥିବା ବୈଠକରୁ ସୂଚନା ମିଳିଛି ।

# ଶିକ୍ଷା ନିର୍ଦ୍ଦେଶାଳୟ ନାମ ପରିବର୍ତ୍ତନ

ରାଜ୍ୟର ୩ଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନାମ ପରିବର୍ତ୍ତନ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞାପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନାମ ପରିବର୍ତ୍ତନ ହୋଇ 'ଆଞ୍ଚଳିକ ସ୍କୁଲ୍ ଶିକ୍ଷା ନିର୍ଦ୍ଦେଶାଳୟ' କରାଯାଇଛି ।

# ଭୋଟର ତାଲିକା ସଂଶୋଧନ

ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଅଧୀନରେ ଯାଞ୍ଚ ଏବଂ ଶୁଣାଣି ପ୍ରକ୍ରିୟା ଜାରି ରହିଛି । ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତିଭାସନ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

# ଜାତୀୟ ପତାକା ଗ୍ରହଣ ଦିବସ

ଦେଶବ୍ୟାପୀ ଆଜି ଜାତୀୟ ପତାକା ଗ୍ରହଣ ଦିବସ ପାଳନ କରାଯାଉଛି । ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଭାରତୀୟ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ତ୍ରିରଙ୍ଗାକୁ ଜାତୀୟ ପତାକା ଭାବେ ଗ୍ରହଣ କରାଯାଇଥିଲା । ଦେଶ ସ୍ୱାଧୀନ ହେବା ପୂର୍ବରୁ ଅନୁଷ୍ଠିତ ଏହି ଐତିହାସିକ ବୈଠକରେ ଭାରତୀୟ ସଂସ୍କୃତି ଓ ଗୌରବର ପ୍ରତୀକ ସ୍ୱରୂପ ଏହାକୁ ଜାତୀୟ ପତାକା ରୂପେ ଗ୍ରହଣ କରାଯାଇଥିଲା ।

---

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ସହ ଦକ୍ଷିଣ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର

ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

........................................................................